Prajatantra 7.5.
199

ଓଡ଼ିଶା ସାହିତ୍ୟ ଏକାଡେମୀର ଉପାୟନ ପ୍ରଦାନ ଉତ୍ସବ: ୮ ଜଣ ସାହିତ୍ୟିକ ପୁରସ୍କୃତ

ଭୁବନେଶ୍ୱର, ୬।୫ (ନି.ପ୍ର) ସୃଜନଶୀଳତା ସମାଜ ଠାରୁ ଅଭିନ୍ନ ଏବଂ ସମାଜ ପାଇଁ ଉତ୍କୃଷ୍ଟ । ଯେଉଁ ସମାଜ ଅଧିକ ଭାବେ ସାହିତ୍ୟରେ ପରିପୁଷ୍ଟ, ସୃଜନଶୀଳ କଳା ପ୍ରତି ଅଙ୍ଗୀକାରବଦ୍ଧ; ସେ ସମାଜ ପଶୁତ୍ୱର ସ୍ତରରୁ ଦେବତ୍ୱ ଓ ଅମରତ୍ୱ ଆଡ଼କୁ ପ୍ରଧାବିତ ହୋଇଥାଏ ।

ଗତକାଲି ସନ୍ଧ୍ୟାରେ ସୂଚନା-ଭବନଠାରେ ଓଡ଼ିଶା ସାହିତ୍ୟ ଏକାଡେମୀର ୧୯୮୭ ବର୍ଷପାଇଁ ଉପାୟନ ପ୍ରଦାନ ଉତ୍ସବ ଉଦ୍‌ଘାଟନ କରି ରାଜ୍ୟପାଳ ଶ୍ରୀ ଯଜ୍ଞଦତ୍ତ ଶର୍ମା ମତପ୍ରକାଶ କରିଛନ୍ତି । ସେ କହିଥିଲେ ଯେ ବିଦ୍ୱାନ ଲୋକ ଓ ତେଜସ୍ୱୀ ବ୍ୟକ୍ତି ବା ଅଷ୍ଟ.ସ୍ୱପତ୍ନୀ ଯେଉଁଠି ଏକତ୍ର ସହାବସ୍ଥାନ କରନ୍ତି ଏବଂ ବାକ୍‌ଦେବୀଙ୍କ ଶରଣାପନ୍ନ ହୁଅନ୍ତି, ତାହା ହିଁ ଏକ ସୁସମୃଦ୍ଧ ପୁଣ୍ୟଭୂମି । ସଂସ୍କୃତର ଆଦି ଋଷିମାନଙ୍କର ସ୍ମରଣୀୟ କ୍ଷେତ୍ର ହୋଇଛି ଓଡ଼ିଶା ଏବଂ 'ଗୀତଗୋବିନ୍ଦ'ର ରଚୟିତାଙ୍କ ରାଜ୍ୟରେ ବାସ କରିବା ତାଙ୍କ ପାଇଁ ଏକ ସୌଭାଗ୍ୟ ବୋଲି ସେ କହିଥିଲେ ।

ରାଜ୍ୟପାଳ ଡଃ ଶର୍ମା କହିଥିଲେ ଯେ ଧାତ୍ରୀ ଓ ଜନ୍ମଦାତ୍ରୀ ଧରିତ୍ରୀ ସହିତ ସାହିତ୍ୟିକର ଭାବାତ୍ମକ ସମ୍ପର୍କ ନିବିଡ଼ ଭାବେ ପ୍ରତିଷ୍ଠା ହେବା ଦରକାର । କାରଣ ପ୍ରକୃତିର ବିଚିତ୍ର ଭାବାବେଶ ସହିତ ସୃଜନଶୀଳ ବ୍ୟକ୍ତିଙ୍କୁ ଏକୀଭୂତ ହେଲେ ହିଁ ସାହିତ୍ୟର ସ୍ଫୁରଣ ହେବ । ଓଡ଼ିଶା ସେହିପରି ଏକ ସଂସ୍କାର ସମ୍ପନ୍ନ ଓ ସଂସ୍କୃତି ସଂପୃକ୍ତ ରାଜ୍ୟ ଓ ସମଗ୍ର ଭାରତରେ ଅଗ୍ରଗଣ୍ୟ ।

ଏହି ଉତ୍ସବରେ ପୌରୋହିତ୍ୟ କରି ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ମହାପାତ୍ର ନୀଳମଣି ସାହୁ କହିଥିଲେ ଯେ ଆମ ଭାଷାରେ ଉନ୍ନତ ସାହିତ୍ୟ ସୃଷ୍ଟି ହେଉନଥିବାର ଅଭିଯୋଗ ଅସତ୍ୟ, କାରଣ ଆମର ସାହିତ୍ୟିକ ସୃଷ୍ଟି ସମ୍ପଦର ପ୍ରକୃତ ସମାଲୋଚନା ପ୍ରକାଶ ପାଉନାହିଁ । ସାହିତ୍ୟ ଯେତିକି ସୃଷ୍ଟି ହେବ, ସମାଲୋଚନା ଫଳରେ ତାହା ଅଧିକ ଗ୍ରାହ୍ୟ ଓ ବୋଧଗମ୍ୟ ହେବ ! ସ୍ୱାଧୀନତା ପରଠାରୁ କବିତା ଓ ନାଟକର ସମାଲୋଚନା ଅବଶ୍ୟ ହୋଇଛି ମାତ୍ର ଗଦ୍ୟ ସାହିତ୍ୟ ପ୍ରତି ଯଥାର୍ଥ ଦାୟିତ୍ୱ ପ୍ରଦର୍ଶିତ ହୋଇନାହିଁ । ଏହାଛଡ଼ା ସମାଲୋଚନା ସାହିତ୍ୟ ବିବାଦୀୟ ନହୋଇ ସୃଜନଶୀଳ ହେବା ଆବଶ୍ୟକ । ସଭାପତି ଶ୍ରୀ ସାହୁ କହିଥିଲେ ଯେ ଭାରତବର୍ଷର ଅଖଣ୍ଡତା ରକ୍ଷା ପାଇଁ ସାହିତ୍ୟର ଏକ ପ୍ରଚ୍ଛନ୍ନ ଓ ବଳିଷ୍ଠ ଭୂମିକା ରହିଛି । ପ୍ରାଦେଶିକ ସ୍ତରରେ ଯୋଗସୂତ୍ର ରକ୍ଷା ଓ ରଚନା ମାଧ୍ୟମରେ ଜାତୀୟତାର ସ୍ୱାକ୍ଷର ପ୍ରଦାନ କରୁଥିବା ହୋଇ ଉଚିତ୍ ।

ଏହି ଉତ୍ସବରେ ଉପସ୍ଥିତ ରହି 'ଅଶାନ୍ତ ଅରଣ୍ୟ' ଉପନ୍ୟାସ ପାଇଁ ଶ୍ରୀ ସାତକଡ଼ି ହୋତା, 'ବୋଦ୍ଧୁ-ହୋଦ୍ଧୁକା' ଗଳ୍ପ ସଙ୍କଳନପାଇଁ ବରିଷ୍ଠ ଗାଳ୍ପିକ ଶ୍ରୀ ଉମାଶଙ୍କର ମିଶ୍ର, 'ଏକଦ ଚନ୍ଦ୍ର, ସୂର୍ଯ୍ୟ' କବିତା ସଙ୍କଳନ ପାଇଁ ଶ୍ରୀମତୀ ମମତା ଦାଶ, 'ଦେଶ ବର୍ଷା ଆସୁଛି' ଏକାଙ୍କିକା ସଙ୍କଳନ ପାଇଁ ଶ୍ରୀ ରତି ରଞ୍ଜନ ମିଶ୍ର, 'ଜୁନା ପାଇଁ ଅନାବନା ଗୀତ' ଶିଶୁ ସାହିତ୍ୟ ପାଇଁ ଦାଶ ବେନହୁର 'ମଲସ୍ୟ୍ୟହୂତମ୍' ସଂସ୍କୃତ କାବ୍ୟପାଇଁ ପଣ୍ଡିତ ପ୍ରବୋଧ କୁମାର ମିଶ୍ର ପ୍ରତ୍ୟେକ ୧୦ ହଜାର ଟଙ୍କାର ପୁରସ୍କାର ଓ ମାନପତ୍ର ରାଜ୍ୟପାଳଙ୍କ ଠାରୁ ଗ୍ରହଣ କରିଥିଲେ ।

ମାତ୍ର ଦର୍ଶକମାନଙ୍କ ବହୁ ପ୍ରଶଂସିତ ଓ ପ୍ରିୟ ତଥା ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ସାହିତ୍ୟିକ ପ୍ରଫେସର ମନୋଜ ଦାସ ତାଙ୍କର 'କେତେ ଦିଗନ୍ତ' ଲଳିତ ନିବନ୍ଧ ସଙ୍କଳନ ପାଇଁ ପୁରସ୍କୃତ ହୋଇଥିବା ସତ୍ତ୍ୱେ ଉପସ୍ଥିତ ହୋଇ ପାରିନଥିବାରୁ ଏକ ବିମର୍ଷ ଭାବ ଚାରିଆଡ଼େ ଖେଳି ଯାଇଥିଲା । ଉପସ୍ଥିତ ଅନେକ ବିଦ୍ୱାନ ବ୍ୟକ୍ତି ମତ ଦେଇଥିଲେ ଯେ ମନୋଜ ଦାସ ତାଙ୍କର 'କେତେ ଦିଗନ୍ତ' ପାଇଁ ବହୁ ପୂର୍ବରୁ ପାଠକଙ୍କ ହୃଦୟ ଜୟ କରି ସାରିଛନ୍ତି । ସାହିତ୍ୟ ଏକାଡେମୀ ପୁରସ୍କାର ତାଙ୍କର ବିଶାଳ କୃତି ସ୍ତରରେ ଏକ ସାଧାରଣ ସ୍ୱୀକୃତି ମାତ୍ର । ଏହାଛଡ଼ା 'ପଥ ଓ ପୃଥିବୀ' ଆତ୍ମଜୀବନୀ ପାଇଁ ପୁରସ୍କୃତ ଅନ୍ୟତମ ଅଗ୍ରଗଣ୍ୟ ଓ ଅନ୍ତରଙ୍ଗ ସାହିତ୍ୟିକ ଶ୍ରୀ ସୁରେନ୍ଦ୍ର ମହାନ୍ତି ଅସୁସ୍ଥତା ଯୋଗୁଁ ଅନୁପସ୍ଥିତ ଥିବାରୁ ଦର୍ଶକମାନଙ୍କ ମଧ୍ୟରେ ଉଦାସୀନତା ଦେଖା ଦେଇଥିଲା ।

ଛାତ୍ରବୃତ୍ତି ନୁହେଁ ବର୍ଦ୍ଧିତ ଛାତ୍ରବୃତ୍ତି

ଭୁବନେଶ୍ୱର, ୬।୫—(ଷ୍ଟା.ପ୍ର) ଆଦିବାସୀ-ହରିଜନ ଛାତ୍ରଙ୍କୁ ଛାତ୍ରବୃତ୍ତି ଶୀର୍ଷକ ସମ୍ବାଦରେ ଆଗାମୀ ଶିକ୍ଷାବର୍ଷ ପୂର୍ବରୁ ବିଭିନ୍ନ କଲେଜରେ ଶିକ୍ଷା ପାଉଥିବା ତଫସିଲଭୁକ୍ତ ଜାତି ଓ ଉପଜାତିର ଛାତ୍ରଛାତ୍ରୀମାନେ ସେମାନଙ୍କର ବର୍ଦ୍ଧିତ ହାରରେ ଛାତ୍ରବୃତ୍ତି ନେଇପାରିବାକୁ ରାଜ୍ୟ ସରକାର ଅର୍ଥ ମଞ୍ଜୁର କରିଥିବା ବିଷୟ ବିଭାଗୀୟ ସଚିବ ଶ୍ରୀ ଆର. ଏନ. ସେନାପତି ପ୍ରକାଶ କରିଛନ୍ତି । ଶିକ୍ଷାର୍ଥୀମାନଙ୍କ ସେମାନଙ୍କର ପ୍ରାପ୍ୟ ବୃତ୍ତି ସେମାନଙ୍କୁ ପୂର୍ବରୁ ମିଳିଯାଇଛି । କେବଳ ବର୍ଦ୍ଧିତ ହାରରେ ପ୍ରାପ୍ୟ ବକେୟା ରହିଥିଲା ଏବଂ ତାହା ଏବେ ସମ୍ପୂର୍ଣ୍ଣ ବିଭାଗ ମଞ୍ଜୁର କରିଛନ୍ତି ବୋଲି ଶ୍ରୀ ସେନାପତି ସ୍ପଷ୍ଟ କରି ଦେଇଛନ୍ତି ।